# .. ଶ୍ରୀମଦ୍ଭଗବଦ୍ଗୀତା ପଂଚଦଶୋଽଧ୍ୟାୟଃ (ପୁରୁଷୋତ୍ତମଯୋଗଃ) ..

CHAPTER 15
SUPREME SPIRIT

## ଅଥ ପଂଚଦଶୋଽଧ୍ୟାୟଃ . ପୁରୁଷୋତ୍ତମଯୋଗଃ

## ଶ୍ରୀଭଗବାନୁବାଚ .

**ଊର୍ଧ୍ୱମୂଲମଧଃଶାଖମଶ୍ୱତ୍ଥଂ ପ୍ରାହୁରବ୍ୟୟମ୍ .**
**ଛଂଦାଂସି ୟସ୍ୟ ପର୍ଣାନି ୟସ୍ତଂ ବେଦ ସ ବେଦବିତ୍ .. ୧୫-୧..**

ଶ୍ରୀଭଗବାନ୍ କହିଲେ-- ଆଦିପୁରୁଷ ପରମେଶ୍ୱର ଯାହାର ମୂଳ, ବ୍ରହ୍ମା ଯାହାର ପ୍ରଧାନଶାଖା, ଯେଉଁ ସଂସାରରୂପକ ଅଶ୍ୱତ୍ଥବୃକ୍ଷକୁ ଅବିନାଶୀ ବୋଲି ତଥା ବେଦକୁ ଯାହାର ପତ୍ର ବୋଲି କହନ୍ତି, ସେହି ସଂସାରରୂପକ ବୃକ୍ଷକୁ ଯେଉଁ ପୁରୁଷ ମୂଳସହିତ ତତ୍ତ୍ୱତଃ ଜାଣନ୍ତି, ସେ ବେଦର ତାତ୍ପର୍ଯ୍ୟ ଜାଣନ୍ତି ||୧୫-୦୧||

The Supreme Lord said: They (or the wise) speak of the eternal Ashvattha tree having its origin above (in unmanifest Brahman) and its branches below (in the cosmos) whose leaves are the (Vedic) hymns. One who understands this is a knower of the Vedas. (15.01)

**ଅଧଶ୍ଚୋର୍ଧ୍ୱଂ ପ୍ରସୃତାସ୍ତସ୍ୟ ଶାଖା**
**ଗୁଣପ୍ରବୃଦ୍ଧା ବିଷୟପ୍ରବାଲାଃ .**
**ଅଧଶ୍ଚ ମୂଲାନ୍ୟନୁସଂତତାନି**
**କର୍ମାନୁବଂଧୀନି ମନୁଷ୍ୟଲୋକେ .. ୧୫-୨..**

ତ୍ରିଗୁଣରୂପୀ ଜଳଦ୍ୱାରା ବୃଦ୍ଧିପ୍ରାପ୍ତ ହୋଇଥିବା ଏବଂ ବିଷୟଭୋଗରୂପୀ କୋମଳପତ୍ର ଥିବା ସେହି ସଂସାରବୃକ୍ଷର ଦେବ, ମନୁଷ୍ୟ ଓ ତିର୍ଯ୍ୟକ୍ ଆଦି ଯୋନିରୂପୀ ଶାଖାମାନ ତଳ, ଉପର ଆଦି ସକଳ ଦିଗରେ ପ୍ରସାରିତ ହୋଇଛି ତଥା ମନୁଷ୍ୟଯୋନିରେ କର୍ମାନୁସାରେ ବନ୍ଧନ କରୁଥିବା ଅହଂତ୍ୱ, ମମତ୍ୱ, ଓ ବାସନାରୂପୀ ମୂଳମାନେ ମଧ୍ୟ ତଳ, ଉପର ଆଦି ସର୍ବଲୋକରେ ବ୍ୟାପ୍ତ ହେଉଛନ୍ତି ||୧୫-୦୨||

The branches (of this world tree of Maya) spread below and above (or all over the cosmos). The tree is nourished by the Gunas; sense pleasures are its sprouts; and its roots (of ego and desires) stretch below in the human world causing Karmic bondage. (15.02)

odia.org

ନ ରୂପମସ୍ୟେହ ତଥୋପଲଭ୍ୟତେ
ନାଂତୋ ନ ଚାଦିର୍ନ ଚ ସଂପ୍ରତିଷ୍ଠା .
ଅଶ୍ୱତ୍ଥମେନଂ ସୁବିରୂଢମୂଲଂ
ଅସଂଗଶସ୍ତ୍ରେଣ ଦୃଢେନ ଛିତ୍ତ୍ୱା .. ୧୫-୩..

ଏହି ସଂସାରବୃକ୍ଷର ସ୍ୱରୂପ ଯେପରି କୁହାଯାଇଛି, ଏଠାରେ ବିଚାର କରିବା ସମୟରେ ସେପରି ମିଳେ ନାହିଁ; କାରଣ, ଏହାର ଆଦି ନାହିଁ, କି ଅନ୍ତ ନାହିଁ ତଥା ଏହାର ଭଲରୂପେ ସ୍ଥିତି ବି ନାହିଁ | ତେଣୁ ଏହି ଅହଂତ୍ୱ, ମମତ୍ୱ ଓ ବାସନାରୂପୀ ଅତି ଦୃଢ ମୂଳବିଶିଷ୍ଟ ସଂସାରରୂପୀ ଅଶ୍ୱତ୍ଥବୃକ୍ଷକୁ ଦୃଢ ବୈରାଗ୍ୟରୂପୀ ଶସ୍ତ୍ରଦ୍ୱାରା ଛେଦନ କରି, --- ||୧୫-୦୩||

Neither its (real) form nor its beginning, neither its end nor its existence is perceptible here on the earth. Having cut these firm roots of the Ashvattha tree by the mighty ax of (Jnana and) Vairaagya or detachment; (15.03)

ତତଃ ପଦଂ ତତ୍ପରିମାର୍ଗିତବ୍ୟଂ
ଯସ୍ମିନ୍ଗତା ନ ନିବର୍ତଂତି ଭୂୟଃ .
ତମେବ ଚାଦ୍ୟଂ ପୁରୁଷଂ ପ୍ରପଦ୍ୟେ .
ୟତଃ ପ୍ରବୃତ୍ତିଃ ପ୍ରସୃତା ପୁରାଣୀ .. ୧୫-୪..

ତା'ପରେ ଯାହାଙ୍କୁ ପାଇଲେ ପୁରୁଷମାନେ ପୁଣି ସଂସାରକୁ ଫେରି ଆସନ୍ତି ନାହିଁ, ସେହି ପରମପଦରୂପକ ପରମେଶ୍ୱରଙ୍କୁ ଭଲଭାବରେ ଖୋଜିବା ଉଚିତ ଏବଂ ଯେଉଁ ପରମେଶ୍ୱରଙ୍କଠାରୁ ଏହି ପୁରାତନ ସଂସାର ବୃକ୍ଷର ପ୍ରବୃତ୍ତି ବିସ୍ତାରିତ ହୋଇଛି, 'ମୁଁ ସେହି ଆଦିପୁରୁଷ ନାରାୟଣଙ୍କ ଶରଣ ନେଉଛି' ବୋଲି ଦୃଢ ନିଶ୍ଚୟ କରି ସେହି ପରମେଶ୍ୱରଙ୍କର ହିଁ ମନନ ଓ ନିଦିଧ୍ୟାସନ କରିବା ଉଚିତ ||୧୫-୦୪||

The goal (of nirvana) should be sought reaching which one does not come back; thus thinking: In that very primal spirit I take refuge from which this primal manifestation comes forth. (15.04)

## ନିର୍ମାନମୋହା ଜିତସଂଗଦୋଷା

## ଅଧ୍ଯାତ୍ମନିତ୍ୟା ବିନିବୃତ୍ତକାମାଃ .

## ଦ୍ଵଂଦ୍ଵୈର୍ବିମୁକ୍ତାଃ ସୁଖଦୁଃଖସଂଜ୍ଞୈର୍-

## ଗଚ୍ଛଂତ୍ୟମୂଢାଃ ପଦମବ୍ୟଯଂ ତତ୍ .. ୧୫-୫..

ଯେଉଁମାନଙ୍କର ମାନ ଓ ମୋହ ନଷ୍ଟ ହୋଇଯାଇଛି, ଯେଉଁମାନେ ଆସକ୍ତିରୂପକ ଦୋଷକୁ ଜୟ କରିଛନ୍ତି, ଯେଉଁମାନେ ପରମାତ୍ମଙ୍କ ସ୍ଵରୂପରେ ନିତ୍ୟସ୍ଥିତ ଓ ଯେଉଁମାନଙ୍କର ସମସ୍ତକାମନା ସଂପୂର୍ଣ୍ଣରୂପେ ନଷ୍ଟ ହୋଇଯାଇଛି, ସୁଖ-ଦୁଃଖ ନାମକ ଦ୍ଵନ୍ଦ୍ଵମାନଙ୍କରୁ ବିମୁକ୍ତ ସେହି ଜ୍ଞାନୀମାନେ ସେହି ଅବିନାଶୀ ପରମପଦ ପ୍ରାପ୍ତ ହୁଅନ୍ତି | ||୧୫-୦୫||

Those who are free from pride and delusion, who have conquered the evil of attachment, who are constantly dwelling in the Supreme Self with all Kaama completely stilled, who are free from the dualities known as pleasure and pain; such undeluded persons reach the eternal goal. (15.05)

## ନ ତଦ୍ଭାସଯତେ ସୂର୍ଯୋ ନ ଶଶାଂକୋ ନ ପାବକଃ .

## ଯଦ୍ଗତ୍ଵା ନ ନିବର୍ତଂତେ ତଦ୍ଧାମ ପରମଂ ମମ .. ୧୫-୬..

ସେହି ସ୍ଵୟଂପ୍ରକାଶ ପରମପଦକୁ ସୂର୍ଯ୍ୟ ପ୍ରକାଶିତ କରିପାରେ ନାହିଁ, କି ନା ଚନ୍ଦ୍ର, ନା ଅଗ୍ନି କେହି ପ୍ରକାଶିତ କରିପାରନ୍ତି ନାହିଁ | ସେହି ଯେଉଁ ପରମପଦ ପ୍ରାପ୍ତ ହେଲେ ମନୁଷ୍ୟକୁ ଆଉ ସଂସାରକୁ ଫେରି ଆସିବାକୁ ପଡେ ନାହିଁ, ତାହା ହିଁ ମୋର ପରମଧାମ ||୧୫-୦୬||

The sun does not illumine there, nor the moon, nor the fire. That is My supreme abode. Having reached there they do not come back. (15.06)

## ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ .

## ମନଃଷଷ୍ଠାନୀଂଦ୍ରିୟାଣି ପ୍ରକୃତିସ୍ଥାନି କର୍ଷତି .. ୧୫-୭..

ଏହି ଦେହରେ ରହିଥିବା ଏହି ସନାତନ ଜୀବାତ୍ମା ମୋର ହିଁ ଅଂଶ ଅଟେ ଏବଂ ସେହିଁ ଏହି ପ୍ରକୃତିରେ ସ୍ଥିତ ମନ ଓ ପାଞ୍ଚଟି ଇନ୍ଦ୍ରିୟଙ୍କୁ ଆକର୍ଷଣ କରେ ||୧୫-୦୭||

Atma in the body is My eternal indivisible fragment indeed. Atma gets bound (or attached, and is called Jeevaatma) due to superimposition or association with the six sensory faculties, including the mind, of perception. (15.07)

odia.org

## ଶରୀରଂ ଯଦବାପ୍ନୋତି ଯଚ୍ଚାପ୍ୟୁତ୍କ୍ରାମତୀଶ୍ୱରଃ .

## ଗୃହୀତ୍ୱୈତାନି ସଂଯାତି ବାୟୁର୍ଗଂଧାନିବାଶୟାତ୍ .. ୧୫-୮..

ବାୟୁ ଯେପରି  ଗନ୍ଧର ସ୍ଥାନରୁ ଗନ୍ଧକୁ ବୋହିନିଏ, ଦେହାଦିର ସ୍ୱାମୀ ଜୀବାତ୍ମା ମଧ୍ୟ ସେହିପରି ଯେଉଁ ଶରୀର ତ୍ୟାଗ କରି ଚାଲିଯାଏ, ସେଥିରୁ ମନ ସହିତ ଏହି ଇନ୍ଦ୍ରିୟମାନଙ୍କୁ ଗ୍ରହଣ କରି ଯେଉଁ ଶରୀର ପ୍ରାପ୍ତ ହୁଏ, ସେଥିରେ ପ୍ରବେଶ କରେ  ||୧୫-୦୮||

As the air takes away the aroma from the source (or flower), similarly Atma takes the six sensory faculties from the physical body it casts off (during death) to the (new physical) body it acquires (in reincarnation by the power of Karma). (See also 2.13) (15.08)

## ଶ୍ରୋତ୍ରଂ ଚକ୍ଷୁଃ ସ୍ପର୍ଶନଂ ଚ ରସନଂ ଘ୍ରାଣମେବ ଚ .

## ଅଧିଷ୍ଠାୟ ମନଶ୍ଚାୟଂ ବିଷୟାନୁପସେବତେ .. ୧୫-୯..

ଏହି ଜୀବାତ୍ମା କର୍ଣ୍ଣ, ଚକ୍ଷୁ ଓ ଚର୍ମକୁ ତଥା ଜିହ୍ୱା, ନାସା ଓ ମନକୁ ଆଶ୍ରୟ କରି ଅର୍ଥାତ୍ ଏସବୁର ସାହାଯ୍ୟରେ ହିଁ ବିଷୟମାନଙ୍କୁ ସେବନ କରିଥାଏ  ||୧୫-୦୯||

The Jeevaatma enjoys sense pleasures with the help of six sensory faculties: hearing, touch, sight, taste, smell, and mind. (15.09)

## ଉତ୍କ୍ରାମଂତଂ ସ୍ଥିତଂ ବାପି ଭୁଂଜାନଂ ବା ଗୁଣାନ୍ୱିତମ୍ .

## ବିମୂଢା ନାନୁପଶ୍ୟଂତି ପଶ୍ୟଂତି ଜ୍ଞାନଚକ୍ଷୁଷଃ .. ୧୫-୧୦..

ଶରୀର ଛାଡି ଚାଲିଯାଉଥିବା ଅଥବା ଶରୀରରେ ରହିଥିବ ଅଥବା ବିଷୟମାନଙ୍କୁ ଭୋଗ କରୁଥିବା ତଥା ତିନିଗୁଣରେ ଯୁକ୍ତ ହୋଇଥିବା ନିଜର ପ୍ରକୃତ ସ୍ୱରୂପକୁ ଅଜ୍ଞାନୀମାନେ ଜାଣନ୍ତି ନାହିଁ; କେବଳ ଜ୍ଞାନଚକ୍ଷୁ ଥିବା ବିବେକଶୀଳ ଜ୍ଞାନୀମାନେ ହିଁ ତାହା ତତ୍ତ୍ୱତଃ ଜାଣନ୍ତି  ||୧୫-୧୦||

The ignorant do not perceive Jeeva departing from the body, or remaining in the body and enjoying sense pleasures by associating with the Gunas. Those with the eye of knowledge can see. (15.10)

## ଯତଂତୋ ଯୋଗିନଶ୍ଚୈନଂ ପଶ୍ୟଂତ୍ୟାତ୍ମନ୍ୟବସ୍ଥିତମ୍ .

## ଯତଂତୋଽପ୍ୟକୃତାତ୍ମାନୋ ନୈନଂ ପଶ୍ୟଂତ୍ୟଚେତସଃ .. ୧୫-୧୧..

ଯତ୍ନ କରୁଥିବା ଯୋଗୀମାନେ ମଧ୍ୟ ନିଜ ହୃଦୟସ୍ଥିତ ଏହି ଆତ୍ମାକୁ ତତ୍ତ୍ୱତଃ ଜାଣନ୍ତି |  କିନ୍ତୁ ଯେଉଁମାନେ ନିଜ ଅନ୍ତଃକରଣକୁ ଶୁଦ୍ଧ କରିନାହାନ୍ତି, ସେପରି ଅଜ୍ଞାନୀମାନେ ତ ଯତ୍ନ କରି ମଧ୍ୟ ଏହି ଆତ୍ମାକୁ ଜାଣିପାରନ୍ତି ନାହିଁ ||୧୫-୧୧||

The yogis striving (for perfection) behold Atma abiding in their heart; but the ignorant, whose intellect is not pure, do not perceive Him even though striving. (15.11)

**ଯଦାଦିତ୍ୟଗତଂ ତେଜୋ ଜଗଦ୍ଭାସୟତେଽଖିଲମ୍ .**

**ଯଚ୍ଚନ୍ଦ୍ରମସି ଯଚ୍ଚାଗ୍ନୌ ତତ୍ତେଜୋ ବିଦ୍ଧି ମାମକମ୍ .. ୧୫-୧୨..**

ସୂର୍ଯ୍ୟଙ୍କ ଠାରେ ଥିବା ଯେଉଁ ତେଜ ସମସ୍ତ ଜଗତକୁ ପ୍ରକାଶିତ କରୁଛି ତଥା ଯେଉଁ ତେଜ ଚନ୍ଦ୍ରମାରେ ରହିଛି ଓ ଯାହା ଅଗ୍ନିରେ ରହିଛି, ତାହାକୁ ତୁମେ ମୋର ହିଁ ତେଜ ବୋଲି ଜାଣ ||୧୫-୧୨||

The light that coming from the sun illumines the whole world; and which is in the moon, and in the fire; know that light to be Mine. (See also 13.17 and 15.06) (15.12)

**ଗାମାବିଶ୍ୟ ଚ ଭୂତାନି ଧାରୟାମ୍ୟହମୋଜସା .**

**ପୁଷ୍ଣାମି ଚୌଷଧୀଃ ସର୍ବାଃ ସୋମୋ ଭୂତ୍ୱା ରସାତ୍ମକଃ .. ୧୫-୧୩..**

ଏବଂ ମୁଁ ହିଁ ପୃଥିବୀରେ ପ୍ରବେଶ କରି ନିଜ ଶକ୍ତିଦ୍ୱାରା ସମସ୍ତ ଭୂତପ୍ରାଣୀଙ୍କୁ ଧାରଣ କରେ ଓ ରସସ୍ୱରୂପ ଅର୍ଥାତ୍ ଅମୃତମୟ ଚନ୍ଦ୍ର ହୋଇ ସକଳ ଓଷଧିମାନଙ୍କୁ ଅର୍ଥାତ୍ ବନସ୍ପତିମାନଙ୍କୁ ପୁଷ୍ଟ କରେ ||୧୫-୧୩||

Entering the earth I support all beings with My energy; becoming the sap-giving moon I nourish all the plants. (15.13)

**ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାଂ ଦେହମାଶ୍ରିତଃ .**

**ପ୍ରାଣାପାନସମାୟୁକ୍ତଃ ପଚାମ୍ୟନ୍ନଂ ଚତୁର୍ବିଧମ୍ .. ୧୫-୧୪..**

ସକଳ ପ୍ରାଣୀଙ୍କ ଶରୀରରେ ରହୁଥିବା ମୁଁ ପ୍ରାଣ ଓ ଅପାନଦ୍ୱାରା ସଂଯୁକ୍ତ ବୈଶ୍ୱାନର ଅଗ୍ନିରୂପ ହୋଇ ଚାରିପ୍ରକାର ଅନ୍ନ ଜୀର୍ଣ୍ଣ କରୁଛି ||୧୫-୧୪||

Becoming the digestive fire, I remain in the body of all living beings; uniting with vital breaths, the Prana and Apana, I digest all four varieties of food; and (15.14)

**ସର୍ବସ୍ୟ ଚାହଂ ହୃଦି ସନ୍ନିବିଷ୍ଟୋ**

**ମତ୍ତଃ ସ୍ମୃତିର୍ଜ୍ଞାନମପୋହନଂଚ .**

**ବେଦୈଶ୍ଚ ସର୍ବୈରହମେବ ବେଦ୍ୟୋ**

**ବେଦାଂତକୃଦ୍ବେଦବିଦେବ ଚାହମ୍ .. ୧୫-୧୫..**

ମୁଁ ହିଁ ସବୁ ପ୍ରାଣୀଙ୍କ ହୃଦୟରେ ଅନ୍ତର୍ଯ୍ୟାମୀରୂପରେ ରହିଛି ତଥା ମୋଠାରୁ ହିଁ ସ୍ମୃତି, ଜ୍ଞାନ ଓ ଅପୋହନ (ସଂଶୟ-ବିପର୍ଯ୍ୟୟର ନାଶ) ଜାତ ହୁଏ ଓ ସବୁବେଦଦ୍ୱାରା ଏକମାତ୍ର ମୁଁ ହିଁ ଜାଣିବାର ଯୋଗ୍ୟ ତଥା ମୁଁ ହିଁ ବେଦାନ୍ତକର୍ତ୍ତା ଓ ବେଦଜ୍ଞ ଅଟେ ||୧୫-୧୫||

I am seated in the hearts of all beings. The memory, knowledge, and the removal of doubts and wrong notions (about the Self) by reasoningor in Samadhicome from Me. I am verily that which is to be known by (the study of) all the Vedas. I am, indeed, the author of the Vedanta and the knower of the Vedas. (See also 6.39) (15.15)

## ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ .
## କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ .. ୧୫-୧୬..

ଏହି ସଂସାରରେ ନାଶବାନ୍ ଓ ଅବିନାଶୀ -- ଏପରି ଦୁଇପ୍ରକାର ପୁରୁଷ ଅଛନ୍ତି | ଏମାନଙ୍କ ମଧ୍ୟରୁ ସକଳ ପ୍ରାଣୀମାନଙ୍କର ଶରୀର ନାଶବାନ୍ ଓ ଜୀବାତ୍ମା ଅବିନାଶୀ ବୋଲି କୁହାଯାଏ ||୧୫-୧୬||

There are two entities in this world: the perishable and the imperishable. (The bodies of) all beings are perishable, and the Atma is imperishable. (15.16)

## ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଧାହୃତଃ .
## ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ୟବ୍ୟୟ ଈଶ୍ୱରଃ .. ୧୫-୧୭..

ଏହି ଦୁଇ ପୁରୁଷଙ୍କ ଠାରୁ ଉତ୍ତମ ପୁରୁଷ ତ ଅନ୍ୟ ଜଣେ ହିଁ ଅଟନ୍ତି, ଯେ କି ତିନି ଲୋକରେ ପ୍ରବେଶ କରି ସମସ୍ତଙ୍କର ଧାରଣପୋଷଣ କରନ୍ତି ଏବଂ ଅବିନାଶୀ ପରମେଶ୍ୱର ଓ ପରମାତ୍ମା ବୋଲି କଥିତ ହୁଅନ୍ତି ||୧୫-୧୭||

There is another supreme spirit called Ishvara or Paramaatma, the indestructible Lord who pervades the three worlds and sustains them. (15.17)

## ଯସ୍ମାତ୍କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ .
## ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ .. ୧୫-୧୮..

ଯେହେତୁ ମୁଁ ନାଶବାନ୍ ଜଡବର୍ଗକ୍ଷେତ୍ରଠାରୁ ସର୍ବଥା ଅତୀତ ଏବଂ ଅବିନାଶୀ ଜୀବାତ୍ମାଠାରୁ ମଧ୍ୟ ଉତ୍ତମ, ତେଣୁ ଲୋକରେ ଓ ବେଦରେ ମଧ୍ୟ ମୁଁ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ ||୧୫-୧୮||

I am beyond the perishable body, and higher than the imperishable Atma; therefore, I am known in this world and in the Vedas as Purushottama, or the Supreme Spirit. (15.18)

**ଯୋ ମାମେବମସମ୍ମୂଢୋ ଜାନାତି ପୁରୁଷୋତ୍ତମମ୍ .**

**ସ ସର୍ବବିଦ୍ଭଜତି ମାଂ ସର୍ବଭାବେନ ଭାରତ .. ୧୫-୧୯..**

ହେ ଭାରତ ! ଯେଉଁ ଜ୍ଞାନୀ ପୁରୁଷ ମୋତେ ଏହିପରି ତତ୍ତ୍ୱତଃ ପୁରୁଷୋତ୍ତମ ବୋଲି ଜାଣନ୍ତି, ସେହି ସର୍ବଜ୍ଞ ପୁରୁଷ ନିରନ୍ତର ମୋତେ ଅର୍ଥାତ୍ ବାସୁଦେବ ପରମେଶ୍ୱରଙ୍କୁ ହିଁ ସକଳଭାବରେ ଭଜନ୍ତି ||୧୫-୧୯||

The wise one, who truly knows Me as the Purushottama, knows everything and worships (or surrenders unto) Me wholeheartedly, O Arjuna. (See also 7.14, 14.26, and 18.66) (15.19)

**ଇତି ଗୁହ୍ୟତମଂ ଶାସ୍ତ୍ରମିଦମୁକ୍ତଂ ମୟାନଘ .**

**ଏତଦ୍ବୁଦ୍ଧ୍ୱା ବୁଦ୍ଧିମାନ୍ସ୍ୟାତ୍କୃତକୃତ୍ୟଶ୍ଚ ଭାରତ .. ୧୫-୨୦..**

ହେ ନିଷ୍ପାପ ଅର୍ଜୁନ ! ଏପରିଭାବରେ ଏହି ଅତି ରହସ୍ୟଯୁକ୍ତ ଗୋପନୀୟ ଶାସ୍ତ୍ର ମୋ ଦ୍ୱାରା କୁହାଗଲା | ଏହାକୁ ତତ୍ତ୍ୱତଃ ଜାଣି ମନୁଷ୍ୟ ଜ୍ଞାନବାନ୍ ଓ କୃତାର୍ଥ ହୋଇଯାଏ ||୧୫-୨୦||

Thus this most secret science has been explained by Me, O sinless Arjuna. Having understood this, one becomes enlightened and one's all duties are accomplished. (15.20)

**ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ଗୀତାସୂପନିଷତ୍ସୁ**

**ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସଂବାଦେ**

**ପୁରୁଷୋତ୍ତମଯୋଗୋ ନାମ ପଂଚଦଶୋଽଧ୍ୟାୟଃ .. ୧୫..**

**

---

PREPARED BY **www.odia.org** using the "**DHWANI-UNICODE**" software.
The shlokas are based on itrans text and the english meanings are quoted from “The Bhagavad-Geeta by Ramanand Prasad” (file “bgita_meaning.txt”) at www.sanskritdocuments.org .

The odia meaning is quoted from shrimadbhagabatgiitaa (Gita Press Gorakhpur #1100, ISBN 81-293-0066-4) in odia with tiikka by Jayadayaal Goyandaka.
**FOR CORRECTIONS: MAIL TO odiaorg@gmail.com**